ଓସମାନ ଉମର

ବନାମ

ମଲାଲ୍ ଅଲିଭାଇ ନାଥୁ ଏବଂ ଅନ୍ୟମାନେ

ଫେବୃଆରୀ 7, 1996

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ପୂର୍ବ ନ୍ୟାୟ ସିଦ୍ଧାନ୍ତ:*

*କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା କାରଣରୁ ମକଦ୍ଦମା ଖାରଜ - ନୂତନ ବାଦର କାରଣ ଉପରେ ଆଧାରିତ ପରବର୍ତ୍ତୀ ମକଦ୍ଦମା - ପୂର୍ବ ମକଦ୍ଦମାର ନିର୍ଣ୍ଣୟ ପରବର୍ତ୍ତୀ ମକଦ୍ଦମାର ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହେବନାହିଁ ଏବଂ ପୂର୍ବ ନ୍ୟାୟ ଭାବରେ କାର୍ଯ୍ୟ କରିବନାହିଁ ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 419 (N)/1978 ।

ଏଲ୍.ପି.ଏ. ନଂ. 67/1974ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟର 12.2.76 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଯଶଙ୍କ ଆଧାରୁ ଏବଂ ବିମଲ ଦାଭେ ।

ଉତ୍ତରଦାତାମାନଙ୍କ ପାଇଁ ଏସ୍.କେ. ଢୋଲକିଆ ଏବଂ ଏଚ୍.ଏ. ରାଇଚୁରା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ, LPA ନଂ 67/74 ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ଫେବୃଆରୀ 12, 1976 ତାରିଖର ରାୟ ଏବଂ ଆଦେଶ ଉତ୍ପନ୍ନ ହୋଇଛି । ଗୁଜରାଟ ରାଜ୍ୟର ସୌରାଷ୍ଟ୍ର ଅଞ୍ଚଳର ଜାମନଗର @ ନୱାନଗରରେ ଗୁଜୁରାଟୀ, ଆବ, ସିଦି ଏବଂ ପାଟନୀ ନାମରେ ମୁସଲମାନମାନଙ୍କର ଚାରୋଟି ଗୋଷ୍ଠୀ ଅଛି । ପାଟନୀ ଜମାତର ପ୍ରତିନିଧିତ୍ୱ କରୁଥିବା ଅପିଲକାରୀ କାବ୍ରୀସ୍ତାନ ଇତ୍ୟାଦି ବ୍ୟବହାର ପାଇଁ ଜମିର ସର୍ବେକ୍ଷଣ ସଂଖ୍ୟା 314 ଏବଂ 316 ର ଦଖଲ ପ୍ରମାଣପତ୍ର ପ୍ରଦାନ ପାଇଁ ମାମଲତଦାରଙ୍କୁ 12.11.1951 ରେ ଏକ ଆବେଦନ କରିଥିଲେ । ମାମଲତଦାର ଏହି ପ୍ରମାଣପତ୍ର ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ, ଅନ୍ୟ ଜମାତମାନଙ୍କ ଦ୍ୱାରା କରାଯାଇଥିବା ନିବେଦନପତ୍ର ଉପରେ, ସେମାନଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ଏହା ଏହି ମାମଲାରେ ଅନ୍ତହୀନ ମକଦ୍ଦମା ସୃଷ୍ଟି କରିଥିଲା ଯାହାର ଫଳସ୍ୱରୂପ ଏହି ମାମଲାର ସୃଷ୍ଟି । ମକଦ୍ଦମା ସଂଖ୍ୟା 151/66 ରେ ବିଚାରଣ ନ୍ୟାୟାଳୟ ବିଚାରାଦେଶ ପ୍ରଦାନ କରିଥିଲେ ଏହି ଘୋଷଣା କରି  ଯେ ସମସ୍ତ ଜମାତ ମିଳିତ ଭାବରେ କବରିସ୍ତାନ ଇତ୍ୟାଦି

ପାଇଁ ସମ୍ପତ୍ତିର ବ୍ୟବହାର କରିବାକୁ ହକଦାର ଅଟନ୍ତି । ସାଧାରଣ ବ୍ୟବହାରରେ ହସ୍ତକ୍ଷେପ କରିଥିବାରୁ ଅପିଲକାରୀଙ୍କ ବିରୋଧରେ ସ୍ଥାୟୀ ନିଷିଦ୍ଧାଦେଶ ଜାରି କରାଯାଇଥିଲା । ଅପିଲ ଏବଂ ଦ୍ୱିତୀୟ ଅପିଲ ଉପରେ, ବିଚାରଣ ନ୍ୟାୟାଳୟଙ୍କ ବିଚାରାଦେଶ ଓଲଟାଇଦିଆଗଲା । ଏଲ.ପି.ଏ. ରେ ଦୁଇଜଣିଆ ଖଣ୍ଡପୀଠ, ଆକ୍ଷେପିତ ରାୟ ଅନୁଯାୟୀ ବିଚାରଣ ନ୍ୟାୟାଳୟଙ୍କ ବିଚାରାଦେଶକୁ ପୁନଃସ୍ଥାପିତ କରିଥିଲେ । ତେଣୁ, ଏହି ବିବାଦ ।

ଏହା ଯୁକ୍ତି କରାଯାଇଛି ଯେ ଯେଉଁ ପ୍ରସଙ୍ଗରେ ମାମଲତଦାରଙ୍କର ଦଖଲ ପ୍ରମାଣପତ୍ର ପ୍ରଦାନ କରିବାର କ୍ଷମତା ଥିଲା ସେ ବିଷୟ ଉପରେ ଦେୱାନୀ ନ୍ୟାୟାଳୟର କୌଣସି କ୍ଷେତ୍ରାଧିକାର ନାହିଁ ତେଣୁ, ଅପିଲିୟ ନ୍ୟାୟାଳୟ ଏବଂ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ବିଚାରାଦେଶକୁ ଓଲଟାଇବାରେ ଏବଂ ବିଚାରଣ ବିଚାରପତିଙ୍କ ବିଚାରାଦେଶକୁ ପୁନଃସ୍ଥାପିତ କରିବାରେ ଦୁଇଜଣିଆ ଖଣ୍ଡପୀଠ ଯଥାର୍ଥ ନଥିଲେ । ଉଚ୍ଚ ନ୍ୟାୟାଳୟ ଏହିପରି ଉଲ୍ଲେଖ କରିଛନ୍ତି:

> "ତଥାପି, ଆମେ ଏପରି ଘୋଷଣା କରିବାକୁ ପ୍ରସ୍ତାବ ଦେଉ ନାହୁଁ ଯେ ମକଦ୍ଦମାଭୁକ୍ତ ଜମି ସମ୍ବନ୍ଧରେ ପ୍ରତିବାଦୀ-ଜମାତକୁ ଦିଆଯାଇଥିବା ଦଖଲ ପ୍ରମାଣପତ୍ର ଅସିଦ୍ଧ ଥିଲା କାରଣ ମକଦ୍ଦମାଭୁକ୍ତ ଜମି ସୌରାଷ୍ଟ୍ର ବର୍ଖାଲି ଉଚ୍ଛେଦ ଅଧିନିୟମ, 1951 ଦ୍ୱାରା ପରିଚାଳିତ ହୋଇନଥିଲା । ବର୍ତ୍ତମାନର ମାମଲାର ଉଦ୍ଦେଶ୍ୟ ପାଇଁ ଏହା କହିବା ଯଥେଷ୍ଟ ଯେ ବାଦୀମାନେ ଯେଉଁ ତିନି ଜଣ ଜମାତଙ୍କ ପ୍ରତିନିଧିତ୍ୱ କରୁଛନ୍ତି ସେମାନେ ଦଖଲ ପ୍ରମାଣପତ୍ର କାର୍ଯ୍ୟାନୁଷ୍ଠାନରେ ପକ୍ଷ ନଥିଲେ ତେଣୁ, ଦଖଲ ପ୍ରମାଣପତ୍ର ସେମାନଙ୍କୁ ଆବଦ୍ଧ କରେ ନାହିଁ କିମ୍ବା ଏହା କୌଣସି ପ୍ରକାରେ ମକଦ୍ଦମାଭୁକ୍ତ ଜମି ଉପରେ ସେମାନଙ୍କର ଅଧିକାରକୁ ଅପମାନ, କ୍ଷତି କିମ୍ବା ପ୍ରତିକୂଳ ଭାବରେ ପ୍ରଭାବିତ କରେ ନାହିଁ ।"

ଏହି ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ଉପସଂହାର ହେଉଛି ଯେ 12 ନଭେମ୍ବର, 1951 ତାରିଖର ଆବେଦନ ଉପରେ ଜାରି ହୋଇଥିବା ଦଖଲ ପ୍ରମାଣପତ୍ର ଉତ୍ତରଦାତାଙ୍କୁ ଆବଦ୍ଧ କରେ ନାହିଁ । ଏହା ବିବାଦରେ ନାହିଁ ଯେ 1947 ମସିହାରେ ସମସ୍ତ ଜମାତ ମିଳିତ ଭାବରେ ଆବେଦନ କରିଥିଲେ ଏବଂ ପୂର୍ବତନ ମହାରାଜା ଚାରିଟି ଜମାତଙ୍କ ସାଧାରଣ ବ୍ୟବହାର ପାଇଁ ସନଦ ଦେଇଥିଲେ । ମାମଲାର ଏହି ଦୃଷ୍ଟିକୋଣରୁ, ପୂର୍ବରୁ ଉଲ୍ଲେଖ କରାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଆଇନଗତ ଅଟେ ଏବଂ ଏଥିରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ।

ଉଚ୍ଚ ନ୍ୟାୟାଳୟ ଆହୁରି କହିଛନ୍ତି ଯେ:

> "ପ୍ରଥମତଃ, ପୂର୍ବ ମକଦ୍ଦମାରେ ଦାଖଲ ହୋଇଥିବା ଅର୍ଜି, ପ୍ରଦର୍ଶ 43, ମକଦ୍ଦମାଭୁକ୍ତ ଜମି ଉପରେ ବାଦୀଙ୍କ ମିଳିତ ଅଧିକାର ଉପରେ ଆଧାରିତ ଥିଲା, ଯାହା ସେମାନେ 14 ଏପ୍ରିଲ, 1928 ରେ ନବନଗରର ମହାରାଜାଙ୍କ ଦ୍ୱାରା ବାଦୀମାନଙ୍କୁ ଏବଂ ପ୍ରତିବାଦୀଙ୍କୁ ମଞ୍ଜୁର ହୋଇଥିବା ସନଦରୁ ପ୍ରାପ୍ତ କରିଥିଲେ । ସେହି ଅର୍ଜିରେ ଏହା କୁହାଯାଇଛି । ବର୍ତ୍ତମାନର ମକଦ୍ଦମା ସେହି ସନଦ ଉପରେ

ଆଧାରିତ ନୁହେଁ । ଏହା ପରବର୍ତ୍ତୀ ସନଦ ଉପରେ ଆଧାରିତ ଯାହା ନବନଗରର ମହାରାଜା 10 ଜୁଲାଇ, 1947 ରେ ବାଦୀ ଏବଂ ପ୍ରତିବାଦୀଙ୍କୁ ପ୍ରଦାନ କରିଥିଲେ । ଆମର ମତ ହେଉଛି ଯେ ସନଦ, ପ୍ରଦର୍ଶ 37, 10 ଜୁଲାଇ, 1947ରେ ପକ୍ଷମାନଙ୍କୁ ମକଦ୍ଦମାଭୁକ୍ତ ଜମି ଉପରେ ଏକ ନୂତନ ସତ୍ତ୍ୱ ପ୍ରଦାନ କରିଥିଲା ତେଣୁ, ପୂର୍ବରୁ ଯାହା ଘଟିଥିଲା ତାହା ସମ୍ପୂର୍ଣ୍ଣ ଭାବରେ ଲୋପ ପାଇଯାଇଥିଲା । ପ୍ରଦର୍ଶ 37 ସନଦଠାରୁ, ଯେତେବେଳେ ଏହା ପ୍ରକୃତ ରୂପେ 10 ଜୁଲାଇ, 1947 ରୁ ଆରମ୍ଭ ହୋଇଥିଲା, ଯେଉଁ ତାରିଖରେ ଏହି ସନଦ ପ୍ରଦର୍ଶ 37 ମଞ୍ଜୁର ହୋଇଥିଲା, ମକଦ୍ଦମାଭୁକ୍ତ ଜମି ଉପରେ ମିଳିତ ସତ୍ତ୍ୱ ଆରମ୍ଭ ହୋଇଥିଲା, ଯେତେବେଳେ କି ପୂର୍ବ ମକଦ୍ଦମା 17 ଜୁନ୍, 1943 ରେ ସ୍ଥାପିତ ହୋଇଥିଲା, ଅର୍ଥାତ୍, ବର୍ତ୍ତମାନର ସନଦ ପ୍ରଦର୍ଶ 37 ମଞ୍ଜୁର ହେବା ପୂର୍ବରୁ । ବର୍ତ୍ତମାନର ମକଦ୍ଦମା ପାଇଁ ବାଦୀଙ୍କ ବାଦର କାରଣ ସନଦ ପ୍ରଦର୍ଶ 37 ଉପରେ ଆଧାରିତ, ଯାହା ସେମାନଙ୍କ ପାଇଁ ମକଦ୍ଦମାଭୁକ୍ତ ଜମିର ନୂତନ ଭାବେ ମିଳିତ ସତ୍ତ୍ୱର ଅଧିଗ୍ରହଣକୁ ପ୍ରତିନିଧିତ୍ୱ କରେ । ତେଣୁ ପୂର୍ବ ମକଦ୍ଦମାରେ ଯାହା ଘଟିଥିଲା, ତାହା ବାଦୀଙ୍କୁ ଦିଆଯାଇଥିବା ମିଳିତ ସତ୍ତ୍ୱ ଉପରେ କୌଣସି ପ୍ରକାରେ ପ୍ରଭାବ ପକାଇପାରିବ ନାହିଁ ।"

ଉପରୋକ୍ତ ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି, ପୂର୍ବ ମାମଲା, ଯାହା ଅନୁମତି ପାଇବାକୁ ଥିଲା କିନ୍ତୁ ମାମଲା ନ ଚାଲିବା କାରଣରୁ ଖାରଜ ହୋଇଯାଇଥିଲା ତାହା ଏକ ପୂର୍ବ ନ୍ୟାୟ ଭାବରେ କାର୍ଯ୍ୟ କରେ ବୋଲି ଏହି ଯୁକ୍ତି ସତ୍ତ୍ୱର ଦୃଢତା ବହନ କରେ । ତେଣୁ, ଆମେ କହିଛୁ ଯେ ପୂର୍ବ ନ୍ୟାୟର ସିଦ୍ଧାନ୍ତ ଏହି ମାମଲାର ତଥ୍ୟ ଉପରେ ପ୍ରଯୁଜ୍ୟ ନୁହେଁ ।

ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କୌଣସି ବେଆଇନ କାର୍ଯ୍ୟ କରାଯାଇ ନାହିଁ ଯାହା ହସ୍ତକ୍ଷେପ ପାଇଁ ଆବଶ୍ୟକ କରିବ । ତଦନୁସାରେ ଅପିଲକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।